## ୪୦ହଜାର ଟଙ୍କାର କାଠ ଜବତ

**ଖଇରା,(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାରେ ଏକ ଟ୍ରାକ୍ଟରରେ କାଠ ଚୋରା ଚାଲଣ କରାଯାଉଥିବା ବେଳେ ବନ ବିଭାଗ ଏହାକୁ ଜବତ କରିଛି । ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ବନବିଭାଗ ସୁଣ୍ଡିରା ପଞ୍ଚାୟତ ଚାନ୍ଦଗୋଛି ଗ୍ରାମର ଦୟାମୟ ଖଟୁଆଙ୍କ ନାମରେ ଏକ ମାମଲା (ଓଆର୫୦/୨୧-୨୨)ରୁଜୁ କରି ତାଙ୍କୁ ଗିରଫ କରିଛି । କାଠ ବୋଝେଇ ଗାଡ଼ିଟି ରବିବାର ତେଲଦିଆରୁ ଗଣ୍ଡିବେଡ଼ ଅଭିମୁଖେ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ସୋର-କୁପାରୀ ରାସ୍ତାର ବଟେଶ୍ୱର ନିକଟରେ ଚଢ଼ାଉ କରିଥିଲେ ।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ବାରିପଦା ଅଫିସ,୩୦।୧୨:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୯୬୨/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ଶିବ ଶଙ୍କର ବାରିକ। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୯ଟା ସମୟରେ ଘରର ମୁଖ୍ୟ ଦ୍ୱାର ଦେଇ ଶିବ ମହିଳାଙ୍କ ଘରେ ପଶିଥିଲେ। ପରିବାର ଲୋକେ ଶୋଇଥିବା ଦେଖି ରୋଷେଇ ଘରେ ପୀଡ଼ିତାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲେ। ମହିଳା ଜଣକ ପାଟି କରିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଏ ସଂକ୍ରାନ୍ତରେ ମହିଳା ଜଣକ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗୁରୁବାର ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯିବ ବୋଲି ତଦନ୍ତକାରୀ ଅଫିସର ଅଶୋକ ବାରିକ ପ୍ରକାଶ କରିଛନ୍ତି ।

### ଧାନ କଟ୍‌ନୀ ପ୍ରତିବାଦରେ ଧାରଣା ଦେବେ ଚାଷୀ

**ଭଣ୍ଡାରିପୋଖରୀ,୩୦।୧୨(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଖରିଫ ଧାନ କ୍ରୟରେ କୁଇଣ୍ଟାଲ ପ୍ରତି ୫ କିଲୋ କଟାଯାଉଥିଲା। ଚଳିତବର୍ଷ ଅଧିକ ୫ ଶହ ଗ୍ରାମ ଧାନ କଟାଯାଉଛି। ବେପାରୀଙ୍କ ଭଳି ମନମୁଖୀ ଭାବେ ଧାନ କଟାଯିବା ପ୍ରତିବାଦରେ ଚାଷୀମାନେ ଗୁରୁବାର ସମିତି ସମ୍ମୁଖରେ ଧାରଣା ଦେବା ସହ ତାଲା ପକାଯିବ ବୋଲି ଜଣାଇଛନ୍ତି। ସରପଞ୍ଚ ରଞ୍ଜୁଲତା ସେଠୀ, ଗଗନ ବିହାରୀ ସେଠୀ, ଅକ୍ଷୟ ସାହୁ, ଅର୍ଜୁନ ରଥ, ରବୀନ୍ଦ୍ର ବେହେରା, କମଳାକାନ୍ତ ଲେଙ୍କା, ପାଣ୍ଡବ ସ୍ୱାଇଁ, କେଦାର ମଳିକ, ନନ୍ଦକିଶୋର ସାହୁ ପ୍ରମୁଖ ବହୁ ଚାଷୀ ଜିଲାପାଳ, ଏଆର୍‌ସିଏସ୍, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ, ଜିଲା ପୋଲିସ ଅଧୀକ୍ଷକ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ ପତ୍ର ପଠାଇଛନ୍ତି।

### ତାର ବୋଝେଇ ଟ୍ରକ୍ ଜବତ

**ବାରିପଦା ଅଫିସ,୩୦।୧୨:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ବୁଧବାର ଏକ ବିଦ୍ୟୁତ୍ ତାର ବୋଝେଇ ଟ୍ରକକୁ ଜବତ କରିଛି। ଜବତ ତାର ଓ ବିଦ୍ୟୁତ୍ ଯନ୍ତ୍ରାଂଶଗୁଡ଼ିକ ବିଦ୍ୟୁତ୍ ବିଭାଗର ବିଭିନ୍ନ ଗୋଦାମରୁ ଚୋରି ହୋଇଥିଲା। ଏନେଇ ଏକ ମାମଲା ରୁଜୁ ହେବା ସହିତ ଦୁଇଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଦ୍ୱୟ ହେଲେ ଟ୍ରକ ଚାଳକ ବିହାର ରାଜ୍ୟ ଶିବାନ ଜିଲ୍ଲା ବସନ୍ତପୁର ଥାନା କୁମକୁମପୁରର ତାଡ଼କେଶ୍ୱର ରାୟ ଓ ବାରିପଦା ଟାଉନ ଥାନା ଅନ୍ତର୍ଗତ ପାଲବଣି ଛାଞ୍ଚ ନିକଟ ୱାର୍ଡ ନଂ. ୨୫ର ମହମ୍ମଦ ସାହଯାଦ। ଟାଉନ ଥାନା ଅନ୍ତର୍ଗତ କରତବସା ଦେଇ ଏକ ଟ୍ରକରେ ଆଲୁମିନିୟମ ତାର, କେବୁଲ ସହିତ ବିଦ୍ୟୁତ୍ ଉପକରଣ ବୋଝେଇ ହୋଇ ଯାଉଥିବା ସୂଚନା ପାଇ ପୋଲିସ ଯାଞ୍ଚ କରିଥିଲା । ଆବଶ୍ୟକ କାଗଜପତ୍ର ନ ଥିବାରୁ ପୋଲିସ ଟ୍ରକକୁ ଜବତ କରିଥିଲା।

# ଶିଳ୍ପସଂସ୍ଥାରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା

**କେନ୍ଦୁଝର, ୩୦।୧୨(ଡି.ଏନ୍.ଏ.)**

**୧୫ କାରଖାନାରେ ୬,୨୮୮ ଶ୍ରମିକ**



ରତ୍ନଗର୍ଭା କେନ୍ଦୁଝର ଜିଲା ଉପରେ ପ୍ରତିଷ୍ଠିତ ଖଣି କମ୍ପାନୀଗୁଡ଼ିକ ଆଖି ପକାଇଥିବା ଅଭିଯୋଗ ହୋଇଥିଲେ ମଧ ଜିଲାବାସୀଙ୍କ ଦୀର୍ଘଦିନର ଦାବି ବୃହତ୍ ଇସ୍ପାତ ପ୍ରକଳ୍ପ ସ୍ୱପ୍ନ ହୋଇ ରହିଯାଇଛି। ତେବେ ଜିଲାରେ ଯେଉଁ କେତେକ କାରଖାନା ରହିଛି ସେଥିରେ ହାତଗଣତି ସ୍ଥାନୀୟ ବ୍ୟକ୍ତିଙ୍କୁ ଶ୍ରମିକ ବା ୱାର୍କର ଭାବେ ନିୟୋଜିତ କରାଯାଇଛି। ସାମଗ୍ରିକ ଭାବେ ଜିଲାର ଶିଳ୍ପ ସଂସ୍ଥାରେ ନିଯୁକ୍ତି ବ୍ୟବସ୍ଥାକୁ ଲକ୍ଷ୍ୟ କଲେ ଏହା ନୈରାଶ୍ୟଜନକ ବୋଲି ସାଧାରଣରେ ଆଲୋଚନା ହେଉଛି । ରାଜ୍ୟ ଏବଂ ରାଜ୍ୟ ବାହାରର ଅନେକ ପ୍ରତିଷ୍ଠିତ କାରଖାନାକୁ କଞ୍ଚାମାଲ ଯୋଗାଉଥିବା କେନ୍ଦୁଝର ଜିଲାର ଖଣିରେ ସ୍ଥାନୀୟ ଲୋକଙ୍କ ବଦଳରେ ମେଶିନରେ କାମ ହେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଜିଲାରେ ଥିବା ୧୫ଟି ପ୍ରମୁଖ ଶିଳ୍ପସଂସ୍ଥାରେ ମାତ୍ର ୬,୨୮୮ଜଣ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ଏଥିମଧ୍ୟରୁ ୩୪୯ ମହିଳା ଓ ୫,୯୩୯ ପୁରୁଷ ଶ୍ରମିକ କାମ କରୁଥିବା ଶ୍ରମ ବିଭାଗ ପାଖରେ ହିସାବ ରହିଛି । ଜିଲାର ଗୁଆଲିଠାରେ ଥିବା କେଜେଏସ୍ ଆଲୁୱାଲିଆ କାରଖାନାରେ ୫୨୦ ସ୍ଥାନୀୟ ପୁରୁଷ ଓ ୫୧ ମହିଳା, ମାଟକାମବେଡ଼ାସ୍ଥିତ ଆରିୟା ଆଇରନ ଓ ଷ୍ଟିଲ୍ କମ୍ପାନୀରେ ୬୨୨ଜଣ ପୁରୁଷ ଶ୍ରମିକ କାମ କରୁଛନ୍ତି। ବିଲେଇପଦାସ୍ଥିତ ଟାଟା ଗ୍ରୁପର ଟିଏସ୍ଏଲ୍‌ପି ବା ପୂର୍ବରୁ ଥିବା ଟାଟା ସ୍ପଞ୍ଜ କାରଖାନାରେ ୮୧୪ ପୁରୁଷ ଓ ୮୬ ମହିଳା କାମ କରୁଥିବାବେଳେ ପୁରୁଣାପାଣିଠାରେ ଥିବା ପଟ୍ଟନାୟକ ଷ୍ଟିଲ୍‌ରେ ୨୫୯ଜଣ ଏବଂ ଫୁଲଝରସ୍ଥିତ ଆରଡେଣ୍ଟ ଷ୍ଟିଲ୍‌ରେ ୨୫୯ଜଣ ସ୍ଥାନୀୟ ପୁରୁଷ ଶ୍ରମିକ ନିଯୁକ୍ତି ପାଇଛନ୍ତି।

ସେହିପରି ଟାଟା ଗ୍ରୁପ୍‌ର ଫେରୋ ଆଲଏଜ କାରଖାନାରେ ମୋଟ ୩୪୦ଜଣ ସ୍ଥାନୀୟ ପୁରୁଷ ଶ୍ରମିକ କାମ କରୁଛନ୍ତି। ଅଁରା ସ୍ଥିତ ଶ୍ରୀମେଟାଲିକ୍ସରେ ୩୯୬ ସ୍ଥାନୀୟ ପୁରୁଷ ଓ ୨ ମହିଳା, ଲୋଇଡ଼ାପଡ଼ାସ୍ଥିତ ଶ୍ରୀମେଟାଲିକ୍ସରେ ୭୭୨ ପୁରୁଷ ଓ ୩ ମହିଳା କାମ କରୁଛନ୍ତି। ଜିନ୍ଦଲରେ ୭୮୩ ପୁରୁଷ ଓ ୬୫ ମହିଳା,ଏସାରରେ ୨୧୮ ପୁରୁଷ ଓ ୪୩ ମହିଳା, ବ୍ରାଣ୍ଡ ଆଲଏଜରେ ୧୫୪ ପୁରୁଷ ଓ ୧୨ ମହିଳା, ଟାଟାର ବ୍ରାହ୍ମଣୀପାଳରେ ୪୫୯ ପୁରୁଷ ଓ ୬୮ ମହିଳା, ଉଲିବୁରୁସ୍ଥିତ ଜଗନ୍ନାଥ ଷ୍ଟିଲ୍‌ରେ ୨୩୧ ସ୍ଥାନୀୟ ପୁରୁଷ ଓ ୧୭ ମହିଳା ଶ୍ରମିକ ଅଛନ୍ତି । ତେବେ ବିଭିନ୍ନ ଶିଳ୍ପସଂସ୍ଥାରେ ସ୍ଥାନୀୟ ବ୍ୟକ୍ତିଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେବାକୁ ମତ ପ୍ରକାଶ ପାଇଛି। ସ୍ଥାନୀୟ ନିଯୁକ୍ତିକୁ ନେଇ ଆରଡେଣ୍ଟ ଷ୍ଟିଲ୍ କମ୍ପାନୀର ନିର୍ଦ୍ଦେଶକ ଶୁଭାଶିଷ ଦାସଙ୍କୁ ପଚାରିବାରୁ ଆମ ପ୍ଲାଣ୍ଟରେ ୯୮ ପ୍ରତିଶତ ନିଯୁକ୍ତି ପାଇଛନ୍ତି ବୋଲି କହିଛନ୍ତି। ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟର ସଭାପତି ସରୋଜ କୁମାର ବିଶ୍ୱାଳଙ୍କୁ ପଚାରିବାରୁ ପ୍ଲାଣ୍ଟର ଆଖପାଖ ଗ୍ରାମଗୁଡ଼ିକରୁ ପ୍ରତି ପରିବାର ପିଛା ପ୍ରାୟ ୨ରୁ ୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳିଙ୍କୁ ପଚାରିବାରୁ ଯଦି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ନିୟମ କରାଯାଏ ତେବେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନିମ୍ନମାନର ପଥର ପ୍ୟାକିଂ ଅଭିଯୋଗ

**ଜଳେଶ୍ୱର, ୩୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଦକ୍ଷିଣ ପ୍ରହରାଜପୁର ଗ୍ରାମ ନିକଟରେ ସୁବର୍ଣ୍ଣରେଖା ନଦୀ କୂଳ ଧୋଇ ଯାଉଥିବାରୁ ଜଳସେଚନ ବିଭାଗ ପକ୍ଷରୁ ପଥର ପ୍ୟାକିଂ କରିବା ଲାଗି କାର୍ଯ୍ୟାଦେଶ ଦିଆଯାଇଥିଲା। ଚଳିତବର୍ଷ ନଦୀର ପାଣି କୂଳ ନିକଟରେ ନ ଥିଲେ ମଧ ଠିକାଦାର ଛୋଟ ଛୋଟ ପଥର ବ୍ୟବହାର କରି ନଦୀଶଯ୍ୟାର ଉପରସ୍ତରରୁ(ଡମ୍ପିକରି) ପଥର ପ୍ୟାକିଂ କରୁଛନ୍ତି। ନିମ୍ନମାନର ପଥର ପ୍ୟାକିଂ କରାଯାଉଥିବା ଅଭିଯୋଗ କରି ଏହାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଅଭିଯୋଗ କଲେ ସେମାନଙ୍କୁ ଧମକ ଦେଉଥିବା ବେଳେ ମନ୍ଥର ଗତିରେ କାମ ହେଉଥିବା ଗ୍ରାମବାସୀ କହିଛନ୍ତି। ଠିକ୍ ଭାବେ କାମ କରାଯିବା ସହିତ ବର୍ଷାଦିନ ପୂର୍ବରୁ ଶେଷ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ଅଶୋକ ବାରିକ, କମଳ ଲୋଚନ ପାତ୍ର, ପ୍ରବୋଧ ବାରିକ, ଅଜୟ ବାରିକ, ବିଜୟ ପାତ୍ର, ଉମେଶ ବାରିକ ପ୍ରମୁଖ ଗ୍ରାମବାସୀ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ

**ଖଇରା,୩୦।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ପରିସରରେ ବୁଧବାର ୫ଜଣ ଦିବ୍ୟାଙ୍ଗଙ୍କୁ ବିଡିଓ ପର୍ଶୁରାମ ପଣ୍ଡା ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ବଣ୍ଟନ କରିଛନ୍ତି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ,ଗଗନ କୁମାର ଜେନା ଏଥିରେ ସହାୟତା କରିଥିଲେ। ଦିର୍ଘଦିନ ଧରି ସାଇକେଲ ପାଇଁ ଅପେକ୍ଷା କରିଥିବା ମଠ ନୂଆଗାଁ ଗ୍ରାମର ଗଜେନ୍ଦ୍ର ଶିଅଳ,ସାଉଣ୍ଡିଆ ଗ୍ରାମର ଜିତେନ୍ଦ୍ର ମହାରଣା ଓ ରାମେଶ୍ୱର ବେହେରା, ନୟାଖଣ୍ଡି ଗ୍ରାମର ପଙ୍କଜ କୁମାର ସାହୁ, ଅନ୍ତରା ପଞ୍ଚାୟତର ଲକ୍ଷ୍ମୀଧର ନାୟକ ପ୍ରମୁଖଙ୍କୁ ଏହି ସାଇକେଲ ମିଳିବା ପରେ ସେମାନେ ଖୁବ ଜାହିର କରିଥିବା ଦେଖିବାକୁ ମିଳିଥିଲା।

# ବାବାମଣିଙ୍କୁ ଦର୍ଶନ କଲେ ୪ ପଞ୍ଚାୟତବାସୀ



ଶ୍ରଦ୍ଧାଳୁମାନେ ଆଖଣ୍ଡଳମଣି ମନ୍ଦିରକୁ ପ୍ରବେଶ କରୁଛନ୍ତି।

**ଆରଡ଼ି,୩୦।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଖୋଲାଯାଇଥିଲା । ସ୍ଥାନୀୟ ୪ ପଞ୍ଚାୟତ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର ଏବଂ ଓଳଗର ଅଧିବାସୀମାନେ ବାବାମଣିଙ୍କୁ ଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଭୋର ୫ଟାରେ ପ୍ରଭୁଙ୍କ ପାଖରେ ମଙ୍ଗଳ ଆଳତି କରାଯାଇଥିଲା । ପରେ ବାବାଙ୍କ ଦିଗମ୍ବର ବେଶ କରାଯାଇଥିଲା । ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୪ ପଞ୍ଚାୟତର ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍‌ରେ ଆସି ଜଣଙ୍କ ପରେ ଜଣେ ଏହି ବେଶ ଦର୍ଶନ କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ପରିଚୟପତ୍ର ଦେଖାଇବା ଓ ମାସ୍କ ପିନ୍ଧିବା ବାଧତାମୂଳକ ଥିଲା । ମନ୍ଦିରକୁ ଯିବା ପୂର୍ବରୁ ଭକ୍ତମାନଙ୍କର ଥର୍ମାଲ ସ୍କାନିଂ କରାଯାଇଥିଲା। ଜିଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ ୩୦ ଓ ୩୧ ତାରିଖରେ ଏହି ୪ ପଞ୍ଚାୟତବାସୀ ବାବାଙ୍କୁ ଦର୍ଶନ କରିପାରିବେ। ୧ ଓ ୨ରେ ମନ୍ଦିର ବନ୍ଦ ରହିବ ଏବଂ ୩ ତାରିଖଠାରୁ ସର୍ବସାଧାରଣ ଦର୍ଶନ କରିପାରିବେ। ୯ ମାସ ପରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିବାରୁ ୪ ପଞ୍ଚାୟତର ଶ୍ରଦ୍ଧାଳୁମାନେ ଖୁସି ବ୍ୟକ୍ତ କରିଥିଲେ।

# ଟାଟାଷ୍ଟିଲ୍ କାଟାମାଟି ଲୌହଖଣିର ଜନଶୁଣାଣି

**ଯୋଡ଼ା, ୩୦।୧୨(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ଦେଓଝର ଓ ଠାକୁରାଣୀ ଗ୍ରାମସ୍ଥିତ ଟାଟାଷ୍ଟିଲ ଲିମିଟେଡ୍‌ର କାଟାମାଟି ଲୌହଖଣିର ବାର୍ଷିକ ଉତ୍ପାଦନ ବୃଦ୍ଧି ନିମନ୍ତେ ବୁଧବାର ହୋଇଥିବା ଜନଶୁଣାଣି ଶେଷ ହୋଇଛି । କାଟାମାଟି ଲୌହଖଣିର ବାର୍ଷିକ ଉତ୍ପାଦନ ୮ ନିୟୁତ ମେଟ୍ରିକ ଟନ୍‌ରୁ ୧୩.୫ ନିୟୁତ ମେଟ୍ରିକ ଟନ୍ (ଆଇଓଏମ୍)କୁ ବୃଦ୍ଧି କରିବା ସହିତ ବାର୍ଷିକ ସର୍ବମୋଟ ୧୫ ନିୟୁତ ମେଟ୍ରିକ ଟନ୍ ଖଣିଜ ଉତ୍ତୋଳନ କରିବା ଏବଂ ୪ ନିୟୁତ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଖଣିଜ ବେନିଫିସିଏସନ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ଭାରତ ସରକାରଙ୍କ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ପାଇଁ ଏହି ଜନଶୁଣାଣିର ଆୟୋଜନ କରାଯାଇଥିଲା । ପୂର୍ବାହ୍ନ ୧୧ଟାରେ ଦେଓଝର ଗ୍ରାମ କାଟାମାଟି ଲୌହଖଣି ନିକଟରେ ଆୟୋଜିତ ଏହି ଜନ ଶୁଣାଣିରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ବି.ସି. ପ୍ରଧାନ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ଉପସ୍ଥିତ ରହି ଲୋକଙ୍କର ଅଭିଯୋଗ ଓ ମତାମତ ଶୁଣାଣି କରିଥିଲେ । ଏହି ଜନଶୁଣାଣିରେ ସ୍ଥାନୀୟ ଖଣି ପ୍ରଭାବିତ ପ୍ରାୟ ୭୬ ଜଣ ପ୍ରକଳ୍ପ ସମ୍ବନ୍ଧୀୟ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ନିଜନିଜର ମତାମତ ଦେଇଥିଲେ। ସରକାରଙ୍କ କୋଭିଡ୍ ଗାଇଡଲାଇନଙ୍କୁ ପାଳନ କରି ସାମାଜିକ ଦୂରତା ରକ୍ଷା କରି ଏହି ଜନଶୁଣାଣି କରାଯାଇଥିଲା।

# ସ୍ତ୍ରୀ ହତ୍ୟାକାରୀ ଗିରଫ

**ବସ୍ତା,୩୦।୧୨ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବସ୍ତାଥାନା ଅନ୍ତର୍ଗତ କୋଇଲିସାହି ଗ୍ରାମରେ ଗତ ରବିବାର ମିନତୀ ଦାସଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ତାଙ୍କ ଶାଶୁଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ମୃତ ମହିଳାଙ୍କ ଭଉଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୨୯୬/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ସହିତ ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ପରେ ମୃତ ମିନତୀଙ୍କ ସ୍ୱାମୀ ବାବୁଲି ଦାସ ଫେରାର ହୋଇଯାଇଥିବାବେଳେ ପୋଲିସ ମଙ୍ଗଳବାର ତାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିବା ଆଇଆଇସି ଅଶୋକ ନାୟକ ପ୍ରକାଶ କରିଛନ୍ତି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**ବାଲେଶ୍ୱର ଅଫିସ,୩୦।୧୨**

**ଗ୍ରାମସଡ଼କ ନିମ୍ନମାନର**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତ ଅଧୀନ ୬୦ ନଂ. ଜାତୀୟ ରାଜପଥରୁ ମଧୁପୁରା ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିମ୍ନମାନର କରାଯାଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଓ ମେଟାଲ ଉଠିଯିବା ସହ କଂକ୍ରିଟ ଫାଟି ଯାଇଛି। ଆବଶ୍ୟକ ସ୍ଥାନରେ ପୋଲ ନିର୍ମାଣ କରା ନ ଯିବା ଫଳରେ ରାଜପଥରୁ ଅଧିକ ଗଡ଼ାଣିଆ ହେବା ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଗ୍ରାମବାସୀ ଏ ନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ୫.୬୦୦ କିଲୋମିଟର ଉକ୍ତ ରାସ୍ତା କାମ ୨୦୧୫ ଜାନୁୟାରୀ ୧୪ରେ ଆରମ୍ଭ ହୋଇ ୨୦୧୬ ଜାନୁୟାରୀ ୧୩ରେ ଶେଷ ହୋଇଥିଲା। ୫ ବର୍ଷ ଅର୍ଥାତ୍ ଆସନ୍ତା ଜାନୁୟାରୀ ୧୨ ତାରିଖ ପର୍ଯ୍ୟନ୍ତ ମରାମତିର ୱାରେଣ୍ଟି ପାଇଁ ଠିକାଦାର ସରକାରଙ୍କ ସହ ଚୁକ୍ତିବଦ୍ଧ ଅଛନ୍ତି। କିନ୍ତୁ ଏଥିପ୍ରତି ଭ୍ରୁକ୍ଷେପ ନ କରି ବିଭାଗୀୟ ଅଧିକାରୀଙ୍କ ସଲାସୁତରା ପାଇଁ ଅଞ୍ଚଳବାସୀ ଯା'ଆସରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଷାଖଣ୍ଡ ପଞ୍ଚାୟତର କ୍ଷିତୀଶ କୁମାର ଜେନା, ବିଶ୍ୱନାଥ ଦ୍ୱାରୀ, ପ୍ରଭାସ ଭୂୟାଁ, ହେମନ୍ତ କୁମାର ମଣ୍ଡଳ, ଅଚ୍ୟୁତ ଭୂୟାଁ, ଦେବକାନ୍ତ ଦାସ, ଅମୂଲ୍ୟ ଜେନା ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

# କଳା ବ୍ୟାଜ୍ ପିନ୍ଧି ନର୍ସଙ୍କ ପ୍ରତିବାଦ

**ବାରିପଦା ଅଫିସ,୩୦।୧୨**

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଆହ୍ୱାନକ୍ରମେ ମଙ୍ଗଳବାର ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ମୁଖରେ ମହିଳା ସ୍ୱାସ୍ଥ୍ୟକର୍ମୀମାନେ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଥିଲେ। ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ଚାକିରି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଆଗାମୀ ୧ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ତେବେ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୨ରୁ ୪ତାରିଖ ପର୍ଯ୍ୟନ୍ତ ପ୍ରତୀକାତ୍ମକ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । କରୋନା ମହାମାରୀଠାରୁ ଆରମ୍ଭ କରି ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସେବା ପ୍ରଦାନ କରିଆସୁଛନ୍ତି । ଦୀର୍ଘ ଦିନ ଧରି ମୂଳ ଦରମାର ସଂଶୋଧନ ଠାରୁ ଆରମ୍ଭ କରି ଠିକା ନିଯୁକ୍ତିକୁ ମିଶାଇ ୧୦ବର୍ଷର ଏମଏସିପି ପ୍ରଦାନ, ନର୍ସିଂ ସ୍କିମରେ ଚାକିରି କରୁଥିବା ଆରବିଏସକେ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ, ଓପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଠିକା ଭାବେ ନିଯୁକ୍ତି ପାଇଥିବା ନର୍ସମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଦାବିରେ ବାରମ୍ବାର ସଂଘ ପକ୍ଷରୁ ଦାବି ହୋଇଆସୁଛି। ମାତ୍ର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେବାରୁ କର୍ମଚାରୀମାନେ ନ୍ୟାୟରୁ ବଞ୍ଚିତ ହୋଇଛନ୍ତି । ଉକ୍ତ ଦାବିଗୁଡ଼ିକ ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

# ଆଗାମୀ ପିଢ଼ି ଲାଗି ଗୁରୁତ୍ୱ ବହନ କରିବ ଡିଜିଟାଲ ଶିକ୍ଷା

**ଭଦ୍ରକ ଅଫିସ,୩୦।୧୨**

**ତ୍ୟାଗଭୂମି ମହୋତ୍ସବ**

ଭଦ୍ରକ ଜିଲା ମହୋତ୍ସବର ଆଦ୍ୟସୌରଭ ତ୍ୟାଗଭୂମି- ୨୦୨୦ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। କରୋନା କଟକଣା ଯୋଗୁ ଉତ୍ସବ ୩ ଦିନ ପାଳନ କରାଯିବ। ପ୍ରଥମ ଦିବସରେ ରକ୍ତତୀର୍ଥ ଇରମ ଏବଂ ଶହୀଦ ପୀଠ ଲୁଣିଆରୁ ଆସିଥିବା ଭଦ୍ରକୀୟ ସଂଗ୍ରାମର ଅମର ପ୍ରତୀକ ମଶାଲକୁ ସହରର ପ୍ରବେଶ ଦ୍ୱାର ମହତାବ ଗୋଲେଇରୁ ଶୋଭାଯାତ୍ରାରେ ଅଣାଯାଇ ତ୍ୟାଗଭୂମି ପୀଠରେ ସ୍ଥାପନ କରାଯାଇଥିଲା। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ରାଜକିଶୋର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହୋତ୍ସବର ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ମୁଖ୍ୟବକ୍ତା ଅଧାପକ ବିଶ୍ୱରଞ୍ଜନ ଦାସ ଯୋଗଦେଇ 'ଡିଜିଟାଲ ଶିକ୍ଷା ବ୍ୟବସ୍ଥା ଓ ଦେଶର ଭାଗ୍ୟ' ଶୀର୍ଷକ ବିତର୍କରେ ବିଚାର ଉପସ୍ଥାପନ କରିଥିଲେ। ବୈଷୟିକ ଯୁଗରେ ଡିଜିଟାଲ ଶିକ୍ଷା ହିଁ ଆଗାମୀ ପିଢ଼ି ପାଇଁ ଗୁରୁତ୍ୱ ବହନ କରିବ। ଏହା ନିଶ୍ଚିତ ବୋଲି ମତପ୍ରକାଶ ପାଇଥିଲା।

ତ୍ୟାଗଭୂମିର ବରିଷ୍ଠ ସଦସ୍ୟ ପ୍ରଫେସର ଡ. ପ୍ରଫୁଲ୍ଲ ସାହୁଙ୍କ ରଚିତ ତ୍ୟାଗଭୂମି ସଙ୍ଗୀତ ସଭା ମଞ୍ଚକୁ ବିଭୋର କରିଥିଲା। ମନମୋହନ ପରିଷଦ ଦ୍ୱାରା କାନ୍ତକବିଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ଗାନ ହେବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ତ୍ୟାଗଭୂମି ପତ୍ରିକା ଅନ୍ୟତମ ସମ୍ପାଦକ ଡ. ଅଭୟ ଦାସ ଅତିଥି ପରିଚୟ ଦେଇଥିଲେ। ସଭାପତି ଅଜୟ ନାୟକ ମହୋତ୍ସବର ଆଗାମୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଦସ୍ୟ ସୁଧାକର ରାଉତ ଅତିଥିମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିବା ବେଳେ ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ନାସିର ବକ୍ସ, ତ୍ରୈଲୋଚନ ବେହୁରିଆ, ଶ୍ରୀହର୍ଷ ସ୍ୱାଇଁ, ପଙ୍କଜ ବଳ, ଅମରେଶ ବିଶ୍ୱାଳ, ଅଶୋକ ଦାସ, ବସନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଗାଳ୍ପିକ ମଦନ ମୋହନ ମହାକୁଡ଼ଙ୍କ ପୁସ୍ତକ 'ଅନାମ ସର୍ବନାମ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।



ଅତିଥିମାନେ 'ଅନାମ ସର୍ବନାମ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ପର୍ଯ୍ୟଟକ ଅପେକ୍ଷାରେ ପର୍ଯ୍ୟଟନସ୍ଥଳୀ



କେଶରୀ କୁଣ୍ଡ



"ରାଜା ଯଯାତି କେଶରୀଙ୍କ ସମୟରେ କେଶରୀ କୁଣ୍ଡକୁ ଏକ ପୁଣ୍ୟ ତୀର୍ଥଭାବେ ପରିଗଣିତ କରାଯାଇଥିଲା। ଯେଉଁମାନେ ଗଙ୍ଗାଗୟା ଯିବାରେ ଅକ୍ଷମ ହୁଅନ୍ତି, ସେମାନେ ଏଠାରେ ପିଣ୍ଡଦାନ କରି ପୁଣ୍ୟପ୍ରାପ୍ତ କରିଥାନ୍ତି। ଏପରିକି ମକର ସମୟରେ ବହୁ ଭକ୍ତ ଏଠାରେ ବୁଡ ପକାଇ ପୁଣ୍ୟ ଅର୍ଜନ କରିଥିବା ଅନୁମାନ କରାଯାଏ। ଏହାର ସୁରକ୍ଷା ଓ ପର୍ଯ୍ୟଟକଙ୍କ ପାଇଁ ସୁବ୍ୟବସ୍ଥା କରା ନ ଗଲେ ଏହି ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକଙ୍କ ସୁଅ କମିଯିବ।

**-ପଦ୍ମିନୀ ମିଶ୍ର, କବି ତଥା ଆଇନଜୀବୀ**



"କେଶରୀ କୁଣ୍ଡ ୨୦୦୮ ମସିହାରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ଆଖି ଦୃଶିଆ ସେପରି କିଛି ଉନ୍ନତି ହୋଇପାରିନାହିଁ। ଫଳରେ ପର୍ଯ୍ୟଟକଙ୍କ ମଧ୍ୟରେ ବିମୁଖତା ଦେଖାଦେଇଛି। ପ୍ରତ୍ୟେକ ବର୍ଷ ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାରେ ପର୍ଯ୍ୟଟକଙ୍କ ଭିଡ ଜମିଥାଏ। ଚଳିତବର୍ଷ କୋଭିଡ୍ କଟକଣା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା କମିଯାଇଛି। ଏହି ପର୍ଯ୍ୟଟନ ସ୍ଥଳୀର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

**-ବିଦ୍ୟୁ ଭୂଷଣ ପତି, ସ୍ଥାନୀୟ ବାସିନ୍ଦା**

**ଚମ୍ପୁଆ,୩୦।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲାର ଚମ୍ପୁଆ ଉପଖଣ୍ଡରେ ରହିଥିବା ପର୍ଯ୍ୟଟନସ୍ଥଳୀ କେଶରୀ କୁଣ୍ଡ ଓ କଙ୍ଗିରା ମୁହାଣ(ଦୋ ମୁହାଣି) ଚଳିତ ବର୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିନି। କୋଭିଡ୍ କଟକଣା ଏହାର ପ୍ରମୁଖ କାରଣ ସାଜିଥିବା ବେଳେ ବଣଭୋଜିର ଆସର ଏଠାରେ ଦେଖିବାକୁ ମିଳୁନାହିଁ। କାଁ ଭାଁ କେତେଜଣଲୋକଙ୍କୁ ଛାଡିଦେଲେ ପୂର୍ବ ବର୍ଷ ଭଳି ପିକ୍‌ନିକ୍ ପାର୍ଟିଙ୍କ ଦେଖାନାହିଁ। ପ୍ରତ୍ୟେକ ବର୍ଷ ଡିସେମ୍ବର ୨୫ ତାରିଖରୁ ଏହି ପର୍ଯ୍ୟଟନସ୍ଥଳୀଗୁଡିକୁ ବଣଭୋଜି ସହିତ ପ୍ରାକୃତିକ ମନୋରମ ଦୃଶ୍ୟ ଉପଭୋଗ କରିବା ପାଇଁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଚଳିତ ବର୍ଷ ସେମିତି କିଛି ହୋଇନାହିଁ।

ସୂଚନା ଅନୁସାରେ ଚମ୍ପୁଆ ଅଞ୍ଚଳର ଲାଇଫ୍‌ଲାଇନ୍ କୁହାଯାଉଥିବା ବୈତରଣୀ ନଦୀ ତଟରେ ଅବସ୍ଥିତ ଏହି ଦୁଇ ପର୍ଯ୍ୟଟନସ୍ଥଳୀରେ ଡିସେମ୍ବର ୨୫ରୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ଓଡ଼ିଶା ତଥା ଓଡ଼ିଶା ବାହାରୁ ପ୍ରକୃତିର ଏହି ମନୋରମ ସମ୍ଭାରକୁ ଉପଭୋଗ କରିବା ସହିତ ବଣଭୋଜିର ଆନନ୍ଦ ଉଠାଇବା ପାଇଁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। କେଶରୀ କୁଣ୍ଡ ଠାରେ ରହିଥିବା ୩ ଗୋଟି ପୌରାଣିକ ବନ୍ଧିତ କୁଣ୍ଡ ଏକ ପବିତ୍ର କୁଣ୍ଡ ବୋଲି ବିଶ୍ୱାସ କରାଯାଉଥିବା ବେଳେ ବହୁ ପର୍ଯ୍ୟଟକ ଏଠାରେ ସ୍ନାନ ଆଦି କରିଥାନ୍ତି। ବୈତରଣୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ସହିତ ପଥର ଚଟାଣକୁ ଚିରି ବହିଯାଉଥିବା ନଦୀର ଜଳ ବେଶ୍ ଉପଭୋଗ୍ୟ ହୋଇଥାଏ। ସେହିପରି କଙ୍ଗିରା ମୁହାଣ ବା ଦୋ ମୁହାଣିଠାରେ ବୈତରଣୀ ଓ କଙ୍ଗିରା ନଦୀର ମିଳନ ସ୍ଥଳ ସହିତ ନଦୀ ପଠାକୁ ଲାଗିରହିଥିବା ଜଙ୍ଗଲ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। କିନ୍ତୁ ଚଳିତବର୍ଷ ସବୁ ଖାଁ ଖାଁ ହୋଇଯାଇଛି।

